# Visit of Prime Minister to Indonesia for the G20 Summit

November 10, 2022

## ଜି20 ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଇଣ୍ଡୋନେସିଆ ଗସ୍ତ

**ନଭେମ୍ବର 10, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 14-16 ନଭେମ୍ବର ଇଣ୍ଡୋନେସିଆର ବାଳି ଗସ୍ତରେ ଯାଇ ଇଣ୍ଡୋନେସିଆର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ଜୋକୋ ୱିଡୋଡୋଙ୍କ ଆମନ୍ତ୍ରଣ କ୍ରମେ 17 ତମ ଜି20 ଶିଖର ସମ୍ମିଳନୀରେ ଯୋଗଦେବେ।

2. ବାଳି ସମ୍ମିଳନୀରେ ଜି20 ନେତୃବୃନ୍ଦ "ଏକାଠି ପୁନରୁଦ୍ଧାର, ମଜବୁତ ପୁନରୁଦ୍ଧାର" ଶୀର୍ଷକ ସମ୍ମିଳନୀ ଅନ୍ତର୍ଗତ ବୈଶ୍ୱିକ ଚିନ୍ତାର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଭାବରେ ଆଲୋଚନା କରିବେ। ଜି20 ସମ୍ମିଳନୀର ଏଜେଣ୍ଡା ଯଥା ଖାଦ୍ୟ ଓ ଶକ୍ତି ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଡିଜିଟାଲ୍ ପରିବର୍ତ୍ତନ ଉପରେ ତିନୋଟି କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହେବ।

3. ସମ୍ମିଳନୀର ଶେଷ ଅଧିବେଶନରେ ରାଷ୍ଟ୍ରପତି ୱିଡୋଡୋ ପ୍ରତୀକାତ୍ମକ ଭାବରେ ଜି20ର ଅଧ୍ୟକ୍ଷତାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ହସ୍ତାନ୍ତର କରିବେ। ଭାରତ ଔପଚାରିକ ଭାବରେ 1 ଡିସେମ୍ବର 2022 ରୁ ଜି20ର ଅଧ୍ୟକ୍ଷତା ଗ୍ରହଣ କରିବ।

4. ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କର କିଛି ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ସେ ବାଳିରେ ଭାରତୀୟ ସମୁଦାୟ ସହିତ ମଧ୍ୟ ବାର୍ତ୍ତାଳାପ କରିବେ।

**ନୂଆଦିଲ୍ଲୀ**

**ନଭେମ୍ବର 10, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.